# ଫେଲ୍ ମାରିଛି ଶୌଚ ଭାରତ ଅଭିଯାନ

ମାଥିଲି, ୧୫।୧ (ସୁବାସ ଚନ୍ଦ୍ର ଖୁଡୁପିଆ)



ଫେଲ୍ ମାରିଛି ଶୌଚ ଭାରତ ଅଭିଯାନ। କାମରେ ଆସୁନି ପାଇଖାନା। ଶୌଚ ଭାରତ ନାଁରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଏହା ଅନେକ ଜାଗାରେ ଫେଲ୍ ମାରିଥିବା ଦୃଷ୍ଟିକୁ ଆସିଛି । ବାହାରେ ଝାଡ଼ା ଫେରିଲେ ବହୁ ରୋଗ ସଂକ୍ରମଣ ହେଉଥିବା ସହ ପରିବେଶ ଦୂଷିତ ହେଉଛି। ଏଣୁ ଶୌଚ ଭାରତ ମିଶନ (ଗ୍ରାମୀଣ)ଯୋଜନା ମାଧ୍ୟମରେ ଘରେ ଘରେ ପାଇଖାନା ନିର୍ମାଣ କରାଯାଇଛି। ଏହାର ନିର୍ମାଣ ଓ ତଦାରଖ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ରହିଛି। ହେଲେ ଏହି ପାଇଖାନା ସବୁ ନିର୍ମାଣ ହୋଇଛି ସତ, କିନ୍ତୁ ଏହା ହେବା ଦିନଠାରୁ ଦିନେବି ବ୍ୟବହାର ହୋଇନାହିଁ। କେଉଁଠି କାଠ ରଖାଯାଉଛି ତ ଆଉ କେଉଁଠି ଇଟା ଓ ଘରର ନଷ୍ଟ ହୋଇଥିବା ଆସବାବପତ୍ର ରଖାଯାଉଛି। ଏଭଳି ଏକ ଗାଁ ହେଉଛି ମାଲକାନଗିରି ଜିଲା ମାଥିଲି ବ୍ଲକ ଧୁଙ୍ଗିଆପୁଟ ପଞ୍ଚାୟତ। ଏହି ପଞ୍ଚାୟତରେ ୩ ହଜାରରୁ ଊର୍ଦ୍ଧ୍ୱ ଘର ରହିଛି । ପଞ୍ଚାୟତର ପ୍ରାୟ ସମସ୍ତଙ୍କ ବାରିରେ ରହିଛି ପାଇଖାନା ହେଲେ ଜଣେ ବି ଏହାକୁ ବ୍ୟବହାର କରୁନାହାନ୍ତି। କାରଣ ସବୁ ପାଇଖାନାଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇରହିଛି। ତାହା ସମ୍ପୂର୍ଣ୍ଣ ହୋଇପାରି ନାହିଁ। କୌଣସି ପାଇଖାନା ଉପରେ ଟିଣ ନାହିଁ ହେଲେ ସବୁ ବିଲ୍ ହୋଇଯାଇଛି। ଏହି ପାଇଖାନା ବ୍ୟବହାର ନ କରି ଲୋକେ ବାହାରକୁ ଶୌଚ ପାଇଁ ଯାଉଥିବା କାରଣ ପଚାରିବାରୁ ଯେଉଁଠି ଲୋକେ ପିଇବା ପାଇଁ ଭଲରେ ପାଣି ପାଇପାରୁ ନାହାନ୍ତି ସେଠି ପାଇଖାନା ବ୍ୟବହାର ପାଇଁ ପାଣି ଆସିବ କୋଉଠୁ ବୋଲି ଉତ୍ତର ମିଳୁଛି। ତେଣୁ ବାଧ୍ୟହୋଇ ଲୋକେ ଗାଁ ନିକଟରେ ଥିବା ପଡ଼ିଆ ନଦୀ ଓ ନାଳକୁଯାଇ ଶୌଚ ହେଉଛନ୍ତି। ଲୋକ କିପରି ଏହାକୁ ବ୍ୟବହାର କରିବେ ସଚେତନ କରାଯିବାକୁ ଦାବି ହେଇଛି।

# ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ମତ ବିନିମୟ

ମାଲକାନଗିରି, ୧୫।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମକୁ ସୋମବାର ଜନମନ ଯୋଜନାରେ ଆଭାସି ଜରିଆରେ ପ୍ରସାରଣ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିଭିନ୍ନ ରାଜ୍ୟର ହିତାଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ବିଭିନ୍ନ ରାଜ୍ୟର ହିତାଧିକାରୀମାନେ ଏହି ଯୋଜନାରେ ପାଇଥିବା ଲାଭ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ଯୋଜନାରେ ଜନଜାତିଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ ୧୦ ଯୋଜନାର ସୁଫଳ ପାଇପାରିବେ ବୋଲି ଜଣାପଡ଼ିଛି । ଏଥିରେ ମାଲକାନଗର ଜିଲାପାଳ ବିଶାଲ ସିଂ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ପ୍ରିୟଦର୍ଶିନୀ ଓ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୪ଟି ଷ୍ଟଲ୍ ମାଧ୍ୟମରେ ପିଏମ୍ ଜନମନ ଯୋଜନା ଉପରେ ଲୋକଙ୍କୁ ସଚେତନ କରାଯିବା ସହ ଜନଜାତିଙ୍କ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା।




# କେନ୍ଦ୍ରୀୟ ବିଦ୍ୟାଳୟରେ ବିଜ୍ଞାନ ସେମିନାର



ଅତିଥିମାନେ ପିଲାଙ୍କ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

ମାଲକାନଗିରି, ୧୫।୧ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାର ସେମିନାର ଆୟୋଜିତ ହୋଇଯାଇଛି। ଏଥିରେ ବିଶେଷଜ୍ଞ ଭାବେ ମାଲକାନଗିରି ଆଦର୍ଶ ମହାବିଦ୍ୟାଳୟ ଭୌତିକ ବିଜ୍ଞାନ ଆସିଷ୍ଟାଣ୍ଟ ପ୍ରଫେସର ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଆଦିତ୍ୟ ମିଶନର ସଫଳତା ଏବଂ ମକର ସଂକ୍ରାନ୍ତିର ସାଂସ୍କୃତିକ ଓ ବୈଜ୍ଞାନିକ ମହତ୍ତ୍ୱ ବିଷୟରେ ସଚେତନ କରିବା ଏହି ସମ୍ଭାଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଡ. ସାହୁ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନରେ ସୌର ମଣ୍ଡଳ, ପୃଥିବୀରେ ଜୀବନ ଧାରଣରେ ସୂର୍ଯ୍ୟଙ୍କ ଭୂମିକା, ଆଦିତ୍ୟ ମିଶନର ପ୍ରସ୍ତୁତିଠାରୁ ଶେଷ ପର୍ଯ୍ୟନ୍ତ ସୁନ୍ଦର ଭାବେ ପିଲାଙ୍କୁ ବୁଝାଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସୌରମଣ୍ଡଳ ଉପରେ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଅଧ୍ୟକ୍ଷ କୈଳାସ ମୀନା ଯୋଗଦେଇଥିଲେ। ଇଂଲିଶ ଅଧ୍ୟାପକ ଅମିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରନ୍ଥାଗାରିକ ଅରବିନ୍ଦ କୁମାର ସେଠ ଏଥିରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ଭୌତିକ ବିଜ୍ଞାନ ଅଧ୍ୟାପକ ହୃଷୀକେଶ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ସମୀକ୍ଷା ଗ୍ରାମସଭା

ମାଲକାନଗିରି, ୧୫।୧ (ଦୁର୍ଯ୍ୟୋଧନ ପାତ୍ର)

ମାଥିଲି ବ୍ଲକ ଅନ୍ତର୍ଗତ ଭେଜାଗୁଡ଼ା ପଞ୍ଚାୟତରେ ସୋମବାର ଏମ୍‌ଜିଏନ୍‌ଆରଇଜିଏସ୍ ଓ ଏନ୍‌ଏଫ୍‌ଏସ୍‌ଏ ଯୋଜନାର ସମୀକ୍ଷା ଏବଂ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ସୁକାନ୍ତ ଦାସ, ଭୀମସେନ ନାୟକଙ୍କ ସହ ଗ୍ରାମ ରୋଜଗାର ସେବକ, ଗାଁ ସାଥୀ, ୱାର୍ଡମେମ୍ବର, ବିଏସ୍‌ଏ ମହେନ୍ଦ୍ର କୋପେ ଏବଂ ଭିଆର୍‌ପିମାନେ ଉପସ୍ଥିତ ଥିଲେ। ବୈଠକରେ କିପରି ଗରିବ ପରିବାରରେ ଥିବା ବ୍ୟକ୍ତିମାନେ ରାଶନ କାର୍ଡରେ ନିଜ ନାମ ସାମିଲ କରିପାରିବେ ଲୋକଙ୍କୁ ଅବଗତ କରାଯାଇଥିଲା। ଏହାସହ ଯଦି କେହି ଯୋଗ୍ୟ ବ୍ୟକ୍ତି ଯୋଜନରୁ ବାଦ୍ ପଡୁଛନ୍ତି ସେମାନେ କିପରି ଏହାର ଅନ୍ତର୍ଭୁକ୍ତ ହେବେ ସେ ନେଇ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା।



# କାମରେ ଲାଗୁନି ଭେଣ୍ଡିଂ ଜୋନ୍, ଫୁଟ୍‌ପାଥ୍‌ରେ ବ୍ୟବସାୟ

ରାୟଗଡ଼ା,୧୫।୧ (ଭାଗ୍ୟଶ୍ରୀ ମିଶ୍ର )




ସାରଳା ଛକରେ ଥିବା ଭେଣ୍ଡିଂ ଜୋନ୍।



ରାସ୍ତାକଡ଼ରେ ପସରା ମେଲାଇଛନ୍ତି ବ୍ୟବସାୟୀ।

ସହରର ଉନ୍ନତ ପରିଚାଳନା ଏବଂ ବ୍ୟବସାୟୀଙ୍କ ହିତ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ତାହା କାମରେ ନ ଲାଗି ଅବ୍ୟବସ୍ଥାରେ ପଡ଼ିରହୁଛି। ଏହାର ଉଦାହରଣ ରାୟଗଡ଼ା ସହରରେ ଦେଖିବାକୁ ମିଳିଛି। ରାୟଗଡ଼ା ସହରର ସାରଳା ଛକ ଜଙ୍କସନଠାରେ ୨୦୧୭ରେ ପ୍ରାୟ ୯ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟରେ ଏକ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ଏଠାରେ ପ୍ରାୟ ୧୦୦ ଜଣ ବସି ବିକ୍ରି କରିବାର ବ୍ୟବସ୍ଥା ରହିଛି। ହେଲେ ଭେଣ୍ଡିଂ ଜୋନ୍ ନିର୍ମାଣ ହେବାର ଇତିମଧ୍ୟରେ ୬ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହା ବ୍ୟବସାୟୀଙ୍କ ମଧ୍ୟରେ ଆବଣ୍ଟନ କରାଯାଉନାହିଁ । ଫଳରେ ପୌର ପରିଷଦ ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଭେଣ୍ଡିଂ ଜୋନ୍‌ରେ ଆଖପାଖରେ ଥିବା ସମସ୍ତ ଦୋକାନ ବଜାରର ଅଳିଆ ଆବର୍ଜନା ପଡ଼ି ଏହା ଡମ୍ପିଂୟାର୍ଡରେ ପରିଣତ ହେଲାଣି। ଏଥିସହ ସନ୍ଧ୍ୟା ହେଲେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେପଟେ ରାସ୍ତାକଡ଼ରେ ଥିବା ଫୁଟ୍‌ପାଥ୍‌ରେ ବ୍ୟବସାୟୀମାନେ ପସରା ମେଲାଉଥିବା ଦେଖିବାକୁ ମିଳିଛି। ସହରର କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖ ଏବଂ ଏହି ଭେଣ୍ଡିଂ ଜୋନ୍‌ର ତଳେ ପ୍ରତିଦିନ ବ୍ୟବସାୟୀମାନେ ବସିଥାନ୍ତି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି।

ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ପରେ ଏହା ରାୟଗଡ଼ା ପୌର ପରିଷଦକୁ ହସ୍ତାନ୍ତର କରିବାକୁ ଚିଠି ମାଧ୍ୟମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶ ରହିଥିଲା। ହେଲେ ଆଜି ସୁଦ୍ଧା ଉକ୍ତ ଭେଣ୍ଡିଂ ଜୋନ୍‌କୁ ରାୟଗଡ଼ା ପୌର ପରିଷଦକୁ ହସ୍ତାନ୍ତର କରାଯାଇ ନ ଥିବା ଜଣାପଡ଼ିଛି ।

- ନିର୍ମାଣ ହେବାର ୬ ବର୍ଷ ପରେ ବି ଆବଣ୍ଟନ ହେଉନି
- ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି
- ରାଜସ୍ୱ ହରାଉଛି ପୌର ପରିଷଦ

ଏ ନେଇ ବ୍ଲକ୍ ଯନ୍ତ୍ରୀ ଜୟ ପ୍ରକାଶ ନାରାୟଣ ଭଞ୍ଜରାୟଙ୍କୁ ଯୋଗାଯୋଗ କରିବାରୁ ଆମେ ବାରମ୍ବାର ଲିଖିତ ପତ୍ର ଦେଇଛୁ, କିନ୍ତୁ ସେମାନେ ଦାୟିତ୍ୱ ନେଉ ନ ଥିବା କହିଛନ୍ତି । ରାୟଗଡ଼ା ବ୍ଲକ୍ ବିଡିଓ ଅମୁଲ୍ୟ ସାହୁଙ୍କୁ ପଚାରିବାରୁ ମୁଁ ଏବେ ନୂଆ କରି ଯୋଗଦାନ କରିଛି, ତେଣୁ ଏ ବିଷୟରେ ସମ୍ପୂର୍ଣ୍ଣ ରୂପେ ଅବଗତ ନାହିଁ। ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ୟାସିର ବିଲାଲଙ୍କୁ ଯୋଗାଯୋଗ କରିବାରୁ, ଆମକୁ ବ୍ଲକ କାର୍ଯ୍ୟାଳୟ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ବୋଲି କହିଛନ୍ତି । ଉଭୟ ବିଭାଗ ପରସ୍ପର ଉପରେ ଦୋଷ ଲଦିବାରେ ବ୍ୟସ୍ତ ଅଛନ୍ତି । ସେପଟେ ଦାୟିତ୍ୱ ହସ୍ତାନ୍ତର ହୋଇ ନ ଥିଲେ ମଧ୍ୟ ଭେଣ୍ଡିଂ ଜୋନ୍‌ରେ ପୌର ପରିଷଦ ବୋଲି ଲେଖାହୋଇଛି । ପୌର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଅବ୍ୟବସ୍ଥା ହୋଇଥିବା ସହରବାସୀ ଅଭିଯୋଗ କରିଛନ୍ତ। ଜଣେ ବ୍ୟବସାୟୀ ହେମନ୍ତ ନାୟକ କହିଛନ୍ତି, ଭେଣ୍ଡିଂ ଜୋନ୍‌ରେ ଗୋଟେ ପିଣ୍ଡି ପାଇବା ପାଇଁ ବାରମ୍ବାର ପୌର କାର୍ଯ୍ୟାଳୟ ଯାଇଥିଲେ ସୁଦ୍ଧା କେହି ଏ ନେଇ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି। ସେପଟେ ଖରାବର୍ଷା ଶୀତରେ ବାହାରେ ରହି ବ୍ୟବସାୟୀ କରିବାକୁ କଷ୍ଟକର ହୋଇପଡୁଛି ବୋଲି ସେ କହିଛନ୍ତି। ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ହେଲେ ପୌର ପରିଷଦ ରାଜସ୍ୱ ପାଇବ, କିନ୍ତୁ ସେ ନେଇ କୌଣସି ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହି ଭେଣ୍ଡିଂ ଜୋନ୍ କାର୍ଯ୍ୟକାରୀ କରିବାକୁ ସହରବାସୀ ଦାବି କରିଛନ୍ତି ।

## ଫାଇଲେରିଆ ନିରାକରଣ ସଚେତନତା

ଗୁଡ଼ାରି, ୧୫।୧ (ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଫାଇଲେରିଆ ନିରାକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧିକାରୀ ଅରୂପାନନ୍ଦ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ । କାର୍ଯ୍ୟକ୍ରମରେ ଗୁଡ଼ାରି ଏନ୍‌ଏସିର ସମସ୍ତ ଆଶାକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀମାନେ ଉପସ୍ଥିତ ରହି ବିଭିନ୍ନ ସାହିକୁ ଯାଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସହରର ସାଧାରଣ ଜନତା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିବା ପାଇଁ ମେଡିକାଲ ଅଧିକାରୀ ଅନୁରୋଧ କରିଛନ୍ତି। ସହରର ସମସ୍ତ ସାହିରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ଆସନ୍ତା ଫେବୃଆରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମ ଶେଷରେ ଫାଇଲେରିଆ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସାମୂହିକ ଶପଥ ପାଠ କରାଯାଇଥିଲା ।



କାର୍ଯ୍ୟକ୍ରମରେ ମେଡିକାଲ ଅଧିକାରୀ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଫକୀରମୋହନ ଜୟନ୍ତୀରେ ମକର ମିଳନ




ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ କରାଯାଉଛି।

ଗୁଣପୁର, ୧୫।୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବଂଶଧାରା ସାହିତ୍ୟ ସମାଜ ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ସୋମବାର ସନ୍ଧ୍ୟାରେ ମକର ମିଳନ ଓ ବ୍ୟାସ କବି ଫକୀରମୋହନ ସେନାପତି ଜୟନ୍ତୀ ପାଳନ କରାଯାଇଥିଲା। ସାହିତ୍ୟ ସମାଜର ଉପ ସଭାପତି ଉମାଶଙ୍କର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାପତି ପ୍ରଭାତ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ସାହିତ୍ୟିକ ସୀମାଞ୍ଚଳ କର ବ୍ୟାସ କବିଙ୍କ ଜୀବନ କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ । ବରିଷ୍ଠ ସାହିତ୍ୟିକ ପ୍ରତାପ ରାୟ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଫକୀର ମୋହନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ସଭାରେ ନରସିଂହ ଶତପଥୀ, ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ଜିତେନ୍ଦ୍ର ଶତପଥୀ, ଦୁର୍ଗା ମହାପାତ୍ର, ରଜନୀରାଣୀ ମିଶ୍ର, ଶାନ୍ତିଲତା ରଥ, ବିଜୟ ପାଢ଼ୀ କବିମାନେ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନିଜ ନିଜ ମତ ପ୍ରକାଶ କରିଥିଲେ । ଶେଷରେ ସାହିତ୍ୟ ସମାଜର ସହ ସମ୍ପାଦକ ଜିତେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି

ମୁନିଗୁଡ଼ା,୧୫।୧ (ରାଧେଶ୍ୟାମ ଅଗ୍ରୱାଲ)

ଆସନ୍ତା ୨୨ରେ ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ମୁନିଗୁଡ଼ାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ାସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ମୁନିଗୁଡ଼ା ବିକାଶ ପରିଷଦ ଆହ୍ୱାନକ୍ରମେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ମୁନିଗୁଡ଼ା ସଂଯୋଜକ ଜି.ବୀରଭଦ୍ର ଆଚାରୀଙ୍କ ସଭାପତିତ୍ୱ ଏବଂ ବିକାଶ ପରିଷଦ ସଭାପତି ଘନଶ୍ୟାମ ମାର୍ଥା, ବିଶ୍ୱହିନ୍ଦୁ ପରିଷଦ ମୁନିଗୁଡ଼ା ବ୍ଲକ ସଭାପତି କୀର୍ତ୍ତି ପୃଷ୍ଟି, ବଜରଙ୍ଗଦଳ ସଂଯୋଜକ ଶ୍ୱେତ ଦାସଙ୍କ ମିଳିତ ସଂଯୋଜନାରେ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ମୁନିଗୁଡ଼ାର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଶତାଧିକ ସହରବାସୀ ଉପସ୍ଥିତ ରହି ପ୍ରାଣ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ସମସ୍ତଙ୍କ ମତାମତ କ୍ରମେ ହନୁମାନ ମନ୍ଦିରରେ ଉକ୍ତ ଦିନ ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବିଜୟ ମନ୍ତ୍ର ରାମନାମ ଜପ କରାଯିବ। କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପ୍ରଭୁଙ୍କ ଭଜନ କାର୍ଯ୍ୟକ୍ରମ ଦିନ ତମାମ ଆୟୋଜନ ହେବ। ଅପରାହ୍ନରେ ମୁନିଖୋଲ ହନୁମାନ ବାଟିକାରୁ ବିଶାଳ ଶୋଭାଯାତ୍ରା ଗୋବର୍ଦ୍ଧନ ହନୁମାନ ମନ୍ଦିର ପର୍ଯ୍ୟନ୍ତ କୀର୍ତ୍ତନ ମଣ୍ଡଳୀ ସହିତ ପରିକ୍ରମା କରିବ। ସନ୍ଧ୍ୟାରେ ପ୍ରତି ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯିବ। ଏଥିସହ ୫ଦିନ ପୂର୍ବରୁ ପ୍ରତି ମନ୍ଦିର ସଫେଇ କାର୍ଯ୍ୟ ସହିତ ମନ୍ଦିରରେ ରାମନାମ ମନ୍ତ୍ର ଜପ କରାଯିବାର ବ୍ୟବସ୍ଥା ସ୍ଥିର ହୋଇଛି।

### ଝୁଡୁଝୁଡ଼ି ଖେଳ ଉପରେ ଚଢ଼ାଉ, ୪ ଗିରଫ

ଡାବୁଗାଁ, ୧୫।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଉମୁରାହାଣ୍ଡି ଗ୍ରାମରେ ସୋମବାର ସନ୍ଧ୍ୟାରେ ଝୁଡୁଝୁଡି ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉକରି ୪ ଜଣଙ୍କୁ ଗିରଫ କରିଛି । ପୋଲିସ ସେମାନଙ୍କ ନିକଟରୁ ୧୭୫୦ ଟଙ୍କା, ୬ଟା ଗୋଟି, ଗୋଟିଏ ପାଲି, ଗୋଟିଏ ଡାଲା ଜବତ କରିଛି ।

## ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

ଗୁଣପୁର,୧୫।୧ (ପ୍ରଦୀପ କୁମାର ପାଢ଼ୀ)



ବନ କର୍ମଚାରୀମାନେ ଗ୍ରାମାଞ୍ଚଳ ଲୋକଙ୍କୁ ସଚେତନ କରୁଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଜଙ୍ଗଲରେ ନିଆଁ ନ ଲଗାଇବା ଏବଂ କିପରି ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରାଯିବ ସେ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୀତ ସରିବା ପରେ ଗ୍ରୀଷ୍ମର ଆଗମନ ପୂର୍ବରୁ ପୋଡୁଚାଷ ପାଇଁ ଆଦିବାସୀମାନେ ପାହାଡ଼ ଏବଂ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ଗାଁ ଗାଁକୁ ଯାଇ ଲୋକମାନଙ୍କୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନ କରାଯାଇଥିଲା। ବୁର୍ଡିଂଗୁଡା, ନାଉଡା, ସିଦ୍ଧାମଗୁଡା, ପାରିଡି ଏବଂ ଗୁମୁରିଗୁଡା ଅଞ୍ଚଳରେ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଜଙ୍ଗଲ ଆମର ଅମୂଲ୍ୟ ସମ୍ପଦ, ଏହାକୁ ନଷ୍ଟ କରିବା ନାହିଁ କି ନିଆଁ ଲଗାଇବା ନାହିଁ। ଜଙ୍ଗଲରେ ନିଆଁ ଲଗାଇବା ଦ୍ୱାରା ପରିବେଶର ବହୁତ କ୍ଷତି ହେବା ସହ ବନ୍ୟଜନ୍ତୁମାନେ ଏହାର ଶିକାର ହୋଇଥାନ୍ତି ବୋଲି ବନ କର୍ମଚାରୀମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ବନ ବିଭାଗର ଫରେଷ୍ଟର ଶିବାନୀ ପାତ୍ରଙ୍କ ସମେତ ଗାର୍ଡ ସୁଚିତ୍ରା ମିଶ୍ର, ସସ୍ମିତା ପାତ୍ର, ରାମକୁମାର ନାୟକ, ସ୍ୱପ୍ନା କୁମାରୀ ବାଉରି ଏବଂ ଅନ୍ୟ ବେସରକାରୀ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମକର ସଂକ୍ରାନ୍ତି ଉତ୍ସବକୁ ନେଇ ଟିକିରି ଚଳଚଞ୍ଚଳ

ଟିକିରି,୧୫।୧ (ପ୍ରଫୁଲ୍ଲ କୁମାର ବେହେରା)

ମକର ସଂକ୍ରାନ୍ତି ବା ପୋଙ୍ଗଲ ଉପଲକ୍ଷେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ମକର ସଂକ୍ରାନ୍ତି ଅବସରରେ ସୋମବାର ସକାଳୁ ଟିକିରିସ୍ଥିତ ହନୁମାନ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଟିକିରିରେ ଘରେ ଘରେ ମକର ସଂକ୍ରାନ୍ତିରେ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଇତ୍ୟାଦି ଗୋଳେଇ ମକର ଚାଉଳ ପ୍ରସ୍ତୁତ କରାଯାଇ ଗୃହଦେବତାଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଇଥିଲା।

## ବ୍ରାହ୍ମଣ ସମାଜର ନଗର ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ରାହ୍ମଣ ସମାଜର କର୍ମକର୍ତ୍ତା।

ଗୁଣପୁର,୧୫।୧ (ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ପୁରୁଣା ଗୁଣପୁରର ଗୁଣ୍ଡିଚା ମନ୍ଦିର ନିକଟ ପଡ଼ିଆରେ ସୋମବାର ଗୁଣପୁର ବ୍ରାହ୍ମଣ ସମାଜର ବାର୍ଷିକ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ପତିତପାବନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମନାଦ ନାମକ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଏକ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଅସହାୟ

**ବ୍ରହ୍ମନାଦ ସ୍ମରଣିକା ଉନ୍ମୋଚିତ**

ବ୍ରାହ୍ମଣ ପରିବାରର ଆବଶ୍ୟକସ୍ଥଳେ ଅସ୍ଥି ବିସର୍ଜନ ଦାୟିତ୍ୱ ନେବା, ବୃକ୍ଷରୋପଣ ଭଳି କେତେକ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ନରସିଂହ ଶତପଥୀ, ଡ. ପ୍ରଶାନ୍ତ ହୋତା, ତ୍ରିପତି ରଥ, ତ୍ରିପତି ମହାନ୍ତି, କୃଷ୍ଣ ପ୍ରସାଦ ମିଶ୍ର, ଉମା ଶଙ୍କର ଦାସ, ଅଜିତ ପଣ୍ଡା, ପଞ୍ଚା ପଣ୍ଡା, ଗୁପ୍ତ ରଥ, ମୁନା ପାଢ଼ୀ, ଗଣେଶ୍ୱର ଶତପଥୀ, ଦୁର୍ଗା ପାଣିଗ୍ରାହୀ, ଶ୍ରୀନିବାସ ଖାଡ଼ଙ୍ଗା, ଗୌରୀ ଦାସ, ମିଲି ପାଢ଼ୀ, ସଦାନନ୍ଦ ପଣ୍ଡା, ତିରୁପତି ପଣ୍ଡା, ରାମ ପଣ୍ଡା, ସୂର୍ଯ୍ୟ ରଥ, ନୀଳମାଧବ ପାଢ଼ୀ, ସହଦେବ ରଥ, ଗଣେଶ ରଥ, ତ୍ରିପତି ପଣ୍ଡା, ଗଣେଶ ରଥ ପ୍ରମୁଖଙ୍କ ସହଯୋଗକ୍ରମେ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ଇନ୍ଦ୍ରାକ୍ଷୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ମକର ସଂକ୍ରାନ୍ତି

ଅମ୍ବାଦଳା,୧୫।୧ (ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଛତ୍ରପତି ଶିବାଜୀ ପ୍ରଭାତ ଶାଖାରେ ସୋମବାର ଆମ୍ବଦଳା ହାଇସ୍କୁଲ ପଡ଼ିଆରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ୧୪୦ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାରଦା ପ୍ରସାଦ ସିଂ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଦ୍ୟାଧର ସାହୁ ରାଜା ଭାଇ ଆଚାରୀ ଯୋଗଦେଇଥିଲେ। ପରିଚାଳନା ଶାଖା କାର୍ଯ୍ୟନିର୍ବାହୀ ନରେଶ ଶର୍ମା, ମୁନିଗୁଡ଼ା ଖଣ୍ଡ ଶାରୀରିକ ପ୍ରମୁଖ ସରୋଜ ପଟ୍ଟନାୟକ, ପ୍ରାର୍ଥନା ନରେଶ ଶର୍ମା, ବିରାଟ ଭାଇ , ବିନୟ ପଣ୍ଡା, ଉତ୍ତମ ଛତର, ପଟି ଭାଇ, ଚନ୍ଦନ ଭାଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହାସହ ପାରମ୍ପରିକ ଭାବେ ମକର ଚାଉଳ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ପଞ୍ଚାୟତ ଅମ୍ଳାଭଟ୍ଟା ତଥା ରଘୁବାରୀ, ଇଚ୍ଛାପୁର, ଆମ୍ବଦଳା, ପାଇକ ରାଣୀପିଣ୍ଡା ଓ ଅମ୍ଳାଭଟ୍ଟା ନଗରରୁ ସମସ୍ତ ସ୍ୱୟଂସେବକ ଭାଇ ଉପସ୍ଥିତ ଥିଲେ।



ମକର ଉତ୍ସବରେ ଯୋଗଦେଇଥିବା ସ୍ୱୟଂସେବକମାନେ।

**OFFICE OF THE PR. CHIEF COMMISSIONER OF INCOME TAX, ODISHA, BHUBANESWAR**

Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address: **The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

**Sd./- Dy. Commissioner of Income Tax (Hqrs.) (Admn. & Vig.)
O/o. the Pr. Chief Commissioner of Income Tax, Odisha, Bhubaneswar**

## ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଡଙ୍ଗରିଆଙ୍କ ସହ ମତ ବିନିମୟ

ବିଷମ କଟକ,୧୫।୧ (ବିଭୂତି ଭୂଷଣ ନାୟକ)




ପ୍ରଧାନମନ୍ତ୍ରୀଙ୍କ ମତ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅଧୀନ ଯାଯାବର ପାନ୍ଥନିବାସରେ ପ୍ରଧାନମନ୍ତ୍ରୀଙ୍କ ଜନମନ ଯୋଜନା କାର୍ଯ୍ୟକ୍ରମକୁ ସୋମବାର ଆଭାସି ଜରିଆରେ ପ୍ରସାରଣ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିଭିନ୍ନ ରାଜ୍ୟର ହିତାଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ଏଥିରେ ବିଭିନ୍ନ ରାଜ୍ୟର ହିତାଧିକାରୀମାନେ ଏହି ଯୋଜନାରେ ପାଇଥିବା ଲାଭ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଉକ୍ତ ଯୋଜନାରେ ଜନଜାତିଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ ୧୦ ଯୋଜନାର ସୁଫଳ ପାଇପାରିବେ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନଜାତି ଡଙ୍ଗରିଆ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଶୁଣିଥିଲେ। ଏହି ଅବସରରେ ରାୟଗଡା ଜିଲା ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କଂହର, ରାୟଗଡ଼ା ପ୍ରକଳ୍ପ ପ୍ରଶାସକ ଡ.ଦିଲୀପ ବେହେରା, ଗୁଣପୁର ପ୍ରକଳ୍ପ ପ୍ରଶାଶକ ଶାନ୍ତିପ୍ରଭା ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ବିଷମକଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ମୁନିଗୁଡା ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା, କଲ୍ୟାଣସିଂପୁର ବ୍ଲକ ଅଧ୍ୟକ୍ଷା ଅମିତା କାଡ୍ରାକା ଏବଂ ଜନଜାତି ସମ୍ପ୍ରଦାୟ ବସବାସ କରୁଥିବା ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଜନଜାତି ହିତାଧିକାରୀଙ୍କୁ ଜମିପଟ୍ଟା, ଭିଡିସି ମହିଳା ଗୋଷ୍ଠୀଙ୍କୁ ବ୍ୟବସାୟ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମ ସ୍ଥଳରେ ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମକୁ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଜଗତ ଜୀବନ ବଗର୍ତ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଓପିଲପି ପ୍ରୋଜେକ୍ଟ ମ୍ୟାନେଜର ସୁଦର୍ଶନ ପାଢ଼ୀ ଏବଂ ତାଙ୍କ ସହକର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖୁଡୁଖୁଡ଼ି ଖେଳ ଉପରେ ଚଢ଼ାଉ, ୪ ଗିରଫ

ଡାବୁଗାଁ, ୧୫।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଉମୁରାହାଣ୍ଡି ଗ୍ରାମରେ ସୋମବାର ସନ୍ଧ୍ୟାରେ ଖୁଡୁଖୁଡି ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉକରି ୪ ଜଣଙ୍କୁ ଗିରଫ କରିଛି । ପୋଲିସ ସେମାନଙ୍କ ନିକଟରୁ ୧୭୫୦ ଟଙ୍କା, ୬ଟା ଗୋଟି, ଗୋଟିଏ ପାଲି, ଗୋଟିଏ ଡାଲା ଜବତ କରିଛି । ଏନେଇ ଥାନା କେସ୍ ନଂ. ୨୨/୨୪ରେ ମାମଲା ରୁଜୁ କରାଯାଇଛି । ଚଢ଼ାଉ ସମୟରେ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ, ସବ୍‌ଇନସ୍ପେକ୍ଟର ଚନ୍ଦନ ସାହୁ, ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଓ ପୋଲିସ କର୍ମଚାରୀମାନେ ସାମିଲ ଥିଲେ।

### ଅବକାରୀ ଚଢ଼ାଉ, ୨ ଗିରଫ

ଡାବୁଗାଁ, ୧୫।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ସୋମବାର ବିଭିନ୍ନ ଗ୍ରାମରେ ଚଢ଼ାଉକରି ୩୭ ଲିଟର ମହୁଲ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ପୋଲିସ ଥାନା ଅଧୀନ ପାତ୍ରୀ ଗ୍ରାମରେ ଚଢ଼ାଉକରି ୧୯ ଲିଟର ମହୁଲ ପୋଚ ଜବତ କରି ନଷ୍ଟ କରିଛି। ଏଥିରେ ସମ୍ପୃକ୍ତ ପାତ୍ରୀ ଗ୍ରାମର ବ୍ରଜବନ୍ଧୁ ନାୟକ (୨୮)ଙ୍କୁ ଗିରଫ କରିଛି । ଏହାସହ ଶିଉନି ଗ୍ରାମରେ ଚଢ଼ାଉକରି ୧୮ ଲିଟର ମହୁଲ ପୋଚ ଜବତକରି ନଷ୍ଟକରିଛି। ଏଥିରେ ସମ୍ପୃକ୍ତ ଶିଉନି ଗ୍ରାମର ମାଝି କୁମ୍ଭାର (୩୫)ଙ୍କୁ ଗିରଫ କରାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛାଡି ଦିଆଯାଇଥିବା ସୂଚନା ମିଳିଛି। ଏନେଇ ଥାନା କେସ୍ ନଂ. ୨୦/୨୪ ଓ ୨୧/୨୪ ରେ ୨ଟି ମାମଲା ରୁଜୁ କରାଯାଇଛି। ଚଢ଼ାଉ ସମୟରେ ଏଏସ୍‌ଆଇ ଶିଶିରକାନ୍ତ ଘୋଷ, ସୀମାଞ୍ଚଳ ମହାରଣା ଓ ପୋଲିସ କର୍ମଚାରୀମାନେ ସାମିଲଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ଡାବୁଗାଁ, ୧୫।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ସୋମବାର ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଡାବୁଗାଁ ଥାନା ଅଧୀନ ଉମୁରାହାଣ୍ଡିଗ୍ରାମର ଦେବୀସିଂ ମାଝି(୫୩)। ୨୦୦୯ରେ ଚୋରା ମଦ କାରବାର ଅଭିଯୋଗରେ ସେ ଗିରଫ ହୋଇଥିଲେ। ପରେ ଜାମିନରେ ଘରକୁ ଆସିଥିଲେ ଏବଂ ମାମଲା ତାରିଖରେ କୋର୍ଟରେ ହାଜର ନ ହେବାରୁ କୋର୍ଟ ତାଙ୍କ ନାମରେ ୱାରେଣ୍ଟ ଇସ୍ୟୁ କରିଥିଲେ। ଏନେଇ କୋର୍ଟ ଜିଆର ନଂ. ୯୮୫/୨୦୦୯ ରେ ୱାରେଣ୍ଟ ଥିଲା ।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

ବୈପାରିଗୁଡା,୧୫।୧ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ଥାନା ଓ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଘଷର୍ଡା ଗ୍ରାମ ନିକଟରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ତେବେ ପରିବାର ଲୋକେ ଏହାକୁ ନେଇ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କ ଝିଅକୁ କେହି ହତ୍ୟା କରି ଏପରି ଅବସ୍ଥାରେ ଝୁଲାଇ ଦେଇଥିବା ସେମାନେ କହିଛନ୍ତି। ଖବରରୁ ଜଣାପଡ଼ିଛି, ସମ୍ପୃକ୍ତା ଯୁବତୀ ଜଣକ ହେଲେ ଗୋରୀ ମାଝି(୧୯) । ପୂର୍ବରୁ ମାଆବାପାଙ୍କୁ ହରାଇଥିବା ଗୋରୀଙ୍କ ଅନ୍ୟ ୨ ଭଉଣୀ ଏବଂ ସାନଭାଇ ଅଛନ୍ତି। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ପ୍ରାୟ ୧ ବର୍ଷ ହେଲା ଜୟପୁର ସହରରେ ଜଣକ ଘରେ ରହି କାମ କରୁଥିଲେ। ଗତ କିଛି ଦିନ ତଳେ ସେ ଘରକୁ ଫେରିଥିଲେ। ତେବେ ଉକ୍ତ ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରି ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ବ୍ୟବସ୍ଥା କରୁଥିବା ପ୍ରକାଶ କରିଛି। ଏକ ଅପମୃତ୍ୟୁ ମାମଲା (୧୩/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ବିଭୁ ପ୍ରସାଦ ଶବରଙ୍କୁ ପଚାରିବାରୁ ସେ କହିଲେ ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହାକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଶାବର ଶ୍ରୀକ୍ଷେତ୍ରରୁ ଗଲେ ୨ ପ୍ରତିନିଧି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

କୋରାପୁଟ,୧୫।୧ (ଅମିତାଭ ବେହେରା)

ଆସନ୍ତା ୧୭ରେ ପୁରୀ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରରୁ ୨ ଜଣ ପ୍ରତିନିଧି ସୋମବାର ପୁରୀ ଯାତ୍ରା କରିଛନ୍ତି। ସେମାନେ ହେଲେ ମନ୍ଦିର ପରିଚାଳନା କମିଟି ସଦସ୍ୟ ସୁଧାକର ପଟ୍ଟନାୟକ ଓ ଅରୁଣ ଦାସ। ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖରେ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ପାଇଁ ପୁରୀ ଶ୍ରୀମନ୍ଦିର ପ୍ରଶାସନପକ୍ଷରୁ କର୍ମଚାରୀମାନେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିଆଣିଥିବା ପୁରୀ ଶ୍ରୀମନ୍ଦିର ନିମନ୍ତ୍ରଣ ପତ୍ର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲଙ୍କୁ ପ୍ରଦାନ କରିଥିଲେ ।

# ମହୁ ବାକ୍ସରେ ନାହାନ୍ତି ମହୁମାଛି

ସୁନାବେଡା/ସେମିଳିଗୁଡା, ୧୫।୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ)


ଖାଲି ପଡିଥିବା ମହୁବାକ୍ସ।

**ମହୁଚାଷ ବାଟମଣା**
- ୨ ଗ୍ରାମର ୧୨ ଏସ୍‌ଏଚ୍‌ଜିକୁ ନେଇ ହୋଇଥିଲା ମହୁଚାଷ
- ଦାୟିତ୍ୱ ନେଇଥିବା ସଂସ୍ଥା ଦେଇ ନ ଥିଲା ତାଲିମ
- ତ୍ରୁଟି ଅନୁଧ୍ୟାନ ନେଇ ସଂସ୍ଥା ସହ ଆଲୋଚନା କରିବି: ଓଏଲ୍‌ଏମ୍

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ କୁନ୍ଦୁଲି ପଞ୍ଚାୟତର କନ୍ଧପୁଙ୍ଗାର ଓ ମାଳିପୁଙ୍ଗାର ଗ୍ରାମର ୧୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହୁଚାଷ କରି କ୍ଷତିର ଶିକାର ହୋଇଥିବା ଅଭିଯୋଗ ହୋଇଛି। ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ଜରିଆରେ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏହି ଯୋଜନାର ଭାର ବାହାର ସଂସ୍ଥା ହାତରେ ଟେକି ଦେଇଛନ୍ତି। ଫଳରେ ହିତାଧିକାରୀ ମହିଳା ଗୋଷ୍ଠୀଗୁଡିକ ଠକାମିର ଶିକାର ହୋଇ କ୍ଷତି ସହୁଥିବା ଅଭିଯୋଗ ହୋଇଛି। କିଛିମାସ ତଳେ ସେମିଳିଗୁଡା ବ୍ଲକ ମିଶନ ଶକ୍ତି ଓ ଜୀବିକା ମିଶନ ଶକ୍ତିର କର୍ମକର୍ତ୍ତା ଆସି ଦୁଇ ଗ୍ରାମର ୬ଟି ଲେଖାଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକାଠି କରି ମହୁଚାଷ କରିବାକୁ ପ୍ରବର୍ତ୍ତାଇ ଏଥିପାଇଁ ଆବଶ୍ୟକ କାଗଜପତ୍ର ନେଇଥିଲେ। ପରେ ଦୁଇଟି ସଂସ୍ଥା ଉଭୟ ଗ୍ରାମକୁ ଆସି ଗୋଟିଏ ଲେଖାଏ ସ୍ୱୟଂ ସହାୟକ ଗୋଷ୍ଠୀ ପିଛା ୧୦ଟି ଲେଖାଏ ମୋଟ ୧୨୦ଟି ମହୁ ବାକ୍ସ ସହିତ ମହୁମାଛି ଦେଇଥିଲେ। ମାତ୍ର ମହୁଚାଷର ପ୍ରଣାଳୀ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ନ ଥିଲେ। ଫଳରେ ମହୁ ଅମଳ ତ ଦୂରର କଥା ମହୁମାଛି ମଧ୍ୟ ବଞ୍ଚିଲେ ନାହିଁ। ଯାହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ବହୁଦିନ ପରିଶ୍ରମ କରି ମଧ୍ୟ ବୁନ୍ଦାଏ ମଧ୍ୟ ମହୁ ଅମଳ କରିପାରିଲେ ନାହିଁ। ସଂସ୍ଥା ପକ୍ଷରୁ ମିଳିଥିବା ମହୁମାଛିଗୁଡିକ ମଧ୍ୟ ମରିଯିବା କହିଛନ୍ତି କନ୍ଧପୁଙ୍ଗାର ଗ୍ରାମର ବିଶ୍ୱନାଥ ହନ୍ତାଳ ଓ ସିଙ୍ଗୁରୁ ହନ୍ତାଳ। କୋଟରା ଆମ୍ବ ଡଙ୍ଗର ତଳେ ପ୍ରଚୁର ପରିମାଣର ଗାଜର, ମୂଳା, ମଟର ଚଣା ଓ ଅନ୍ୟାନ୍ୟ ପନିପରିବା ଚାଷ ହୁଏ। ଏହାର ଫୁଲରୁ ମହୁମାଛି ମହୁ ସଂଗ୍ରହ କରିଥାନ୍ତି। ମାତ୍ର ସେହି ପାହାଡ଼ ଜଙ୍ଗଲରେ ଥିବା ବିରୁଡିମାନେ ମହୁମାଛିଙ୍କୁ ଆକ୍ରମଣ କରି ମାରି ଦେଉଥିବା ଗ୍ରାମବାସୀ କହିଛନ୍ତି। ଯଦି ସରକାର ସେମାନଙ୍କୁ ମହୁମାଛି ଦେବା ସହ ଉପଯୁକ୍ତ ତାଲିମ ପ୍ରଦାନ କରନ୍ତି ତେବେ ସେମାନେ ଉପଯୁକ୍ତ ପ୍ରଣାଳୀରେ ମହୁଚାଷ କରି ଉପକୃତ ହୋଇପାରନ୍ତେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସେମିଳିଗୁଡା ବ୍ଲକ ମିଶନ ଶକ୍ତି ପରିଚାଳିକା ସସ୍ମିତା ଖୋସଲାଙ୍କୁ ପଚାରିବାରୁ ସେ କହିଛନ୍ତି, ସେଠାରେ ସବୁ ଠିକଠାକ ଚାଲିଥିବା ଖବର ମିଳିଥିଲା। ମାତ୍ର ହଠାତ ଏଭଳି ଏମିତି କ'ଣ ହେଲା ସେ ପଚାରି ବୁଝିବେ। ଓଡିଶା ଜୀବିକା ମିଶନ ପରିଚାଳିକା ପ୍ରିୟମ୍ବଦା ବିଶୋୟୀଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ନୂଆ କରି ଜିଲାରେ ଯୋଗ ଦେଇଛି। ଏସମ୍ପର୍କରେ କିଛି ଜାଣିନି। ଯଦି ଏପରି କିଛି ଘଟିଥାଏ ତେବେ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସେମିଳିଗୁଡା ବ୍ଲକ ଓଏଲଏମ ଫିରୋଜ ଲିମାଙ୍କୁ ପଚାରିବାରୁ ସେ କହିଛନ୍ତି, ସେହି ସମୟରେ ଫୁଲର ଅଭାବୀକରଣ ହେଉ କିମ୍ବା ଦାୟିତ୍ୱ ନେଇଥିବା ସଂସ୍ଥାର ତଦାରଖରେ ଅବହେଳା ହେଉ ଏନେଇ ସେ ସମ୍ପୃକ୍ତ ସଂସ୍ଥା ସହ ଆଲୋଚନା କରି ଆସନ୍ତା ୧୫ ଦିନ ମଧ୍ୟରେ ମାଛି ଯୋଗାଇବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

## ଏସିଆଡ୍ ଗେମ୍ ପାଇଁ ମନୋନୀତ ହେଲେ ରୁଦ୍ର

ଉମରକୋଟ,୧୫।୧ (ସନ୍ତୋଷ ଶତପଥୀ)



ନବରଙ୍ଗପୁର ଜିଲା ଉମରକୋଟ ନିକଟସ୍ଥ ଅଧିକାରିଗୁଡ଼ା ଗ୍ରାମର ରୁଦ୍ରପ୍ରତାପ ବିଶ୍ୱାସ ଆଗାମୀ ଏସିଆଡ୍ ଗେମ୍ ପାଇଁ ମନୋନୀତ ହୋଇଛନ୍ତି। ସୂଚନା ଅନୁଯାୟୀ ରାୟଗଡ଼ାଠାରେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଜାତୀୟ ବ୍ୟାୟାମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଦ୍ରଙ୍କ ସମେତ ନବରଙ୍ଗପୁର ଜିଲାର ମୋଟ ୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ ୩୨ ଓ ସମଗ୍ର ଭାରତରୁ ମୋଟ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ରୁଦ୍ର ସାମରିକ କଳାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲକରି ଆଗାମୀ ଏସିଆଡ୍ ଗେମ୍ସରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ରୁଦ୍ର ବର୍ତ୍ତମାନ ଉମରକୋଟ ଗୁରୁ କୃପା ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ର। ତାଙ୍କ ବାପା ହେଉଛନ୍ତି ବ୍ରିଟିଶ ବିଶ୍ୱାସ ଓ ମା' ବିଭାରାଣୀ ବିଶ୍ୱାସ। ରୁଦ୍ରଙ୍କ ଏହି ସଫଳତା ଯୋଗୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିବା ତାଙ୍କ ଜୀବନର ଲକ୍ଷ୍ୟ ବୋଲି ରୁଦ୍ର କହିଛନ୍ତି ।

## ମକର ସଂକ୍ରାନ୍ତି, ଫକୀର ମୋହନ ଜୟନ୍ତୀ ପାଳିତ

ନବରଙ୍ଗପୁର,୧୫।୧
(ସଦାଶିବ ପ୍ରହରାଜ)



ନବରଙ୍ଗପୁରସ୍ଥିତ କୃଷ୍ଣ ମନ୍ଦିରରେ ସୋମବାର ମକର ସଂକ୍ରାନ୍ତି ସହ ଫକୀର ମୋହନ ଜୟନ୍ତୀ ପାଳିତ ହୋଇଯାଇଛି । ବିଶେଷକରି ନବରଙ୍ଗପୁରରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟ ଲୋକେ ମକର ସଂକ୍ରାନ୍ତିକୁ ଅଧିକ ଆନନ୍ଦର ସହିତ ପାଳନ କରିଥିଲେ। ସଂଯୋଗକ୍ରମେ ଓଡ଼ିଆ ସାହିତ୍ୟର ବିଶିଷ୍ଟ ସ୍ରଷ୍ଟା ଫକୀର ମୋହନଙ୍କ ଜୟନ୍ତୀ ମଧ୍ୟ ଏହି ଦିବସରେ ପଡୁଥିବାରୁ ସବୁ ସାହିତ୍ୟ ଅନୁଷ୍ଠାନ ଦୁଇଟି ଦିବସକୁ ଏକତ୍ର ପାଳନ କରିଥିଲେ। ପାଠାଗାରର ସଭାପତି ନାରାୟଣ ପଣ୍ଡାଙ୍କ ଆହ୍ୱାନକ୍ରମେ ବକ୍ତା ରୂପରେ ହୃଷୀକେଶ ଦାଶଙ୍କ ସହିତ ସୁବ୍ରତ ମହାନ୍ତି ଯୋଗଦେଇ ଆଜିର ଏହି ଦିବସ ଉପରେ ବିଶେଷ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସଂସ୍କୃତି ଧୀରେ ଧୀରେ ଆଧୁନିକ ଚାଲିଚଳନ ଭିତରେ ଲୁଚିବାକୁ ବସିଲାଣି ବୋଲି ବକ୍ତବ୍ୟରେ କହିଥିଲେ। ଅନେକ କବି ମକର ସଂକ୍ରାନ୍ତି ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଆଜିର ଦିନରେ ଲୋକେ ମକର ଚାଉଳ ପ୍ରସ୍ତୁତ କରି ନିଜ ନିଜ ଇଷ୍ଟଙ୍କୁ ପୂଜା କରିଥିବାବେଳେ ୨ ଜଣ ନିଜ ନିଜ ଭିତରେ ମକର ବା ସଙ୍ଗାତ ବସିଥିବା ଦେଖିବାକୁ ମିଳିଥିଲା। ଏହି ବିଶିଷ୍ଟ ଦିବସରେ ଡ. ରାଧାନାଥ ବେହେରା, ଗୋପବନ୍ଧୁ ବିଷୋୟୀ, ନିରଞ୍ଜନ ମିଶ୍ର, ରଘୁନାଥ ପାଣିଗ୍ରାହୀ, ଭାରତୀ ବିଷୋୟୀ, ଜେନାମଣି ବିଷୋୟୀ, ଗୋପାଳ ପାଣିଗ୍ରାହୀ, ପ୍ରଭାତୀ ବିଷୋୟୀ, କୁମୁଦ ପଟ୍ଟନାୟକ, ପର୍ଶୁରାମ ସାହୁ, ଜଗନ୍ନାଥ ବେହେରା, ସରୋଜ ତ୍ରିପାଠୀ, ରଘୁନାଥ ପାତ୍ର, ହରିହର ନାୟକ , ପି. ରଧିକାନ୍ତ ରଘୁରାମ, କୃଷ୍ଣ ଦାସ, ତ୍ରିବିକ୍ରମ ନନ୍ଦ, ପ୍ରଭାସିନୀ ମହାନ୍ତି, ସାନୁଜ ପାତ୍ର, ହରପ୍ରସାଦ ଦାଶ, ବୈଦେଇ ପଣ୍ଡା, ସର୍ବେଶ୍ୱର ତ୍ରିପାଠୀ , ମନୋଜ ପଟ୍ଟନାୟକଙ୍କ ସହିତ ସହରର ଆହୁରି ଅନେକ ବିଜ୍ଞ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ। ସମ୍ପାଦକ ରଜନୀ ପାତ୍ର ଧନ୍ୟବାଦ ଦେଇଥିଲେ।

## 'ସାହିତ୍ୟରେ ଜହ୍ନ ଓ ବିଜ୍ଞାନରେ ଜହ୍ନ' ଶୀର୍ଷକ ଆଲୋଚନାଚକ୍ର


ପଠନଶାଳାର ବାର୍ଷିକ ମୁଖପତ୍ର 'ସାରସ୍ୱତ –୨୦୨୪' ଲୋକାର୍ପଣ କରାଯାଉଛି।

ନବରଙ୍ଗପୁର/ଉମରକୋଟ, ୧୫।୧
(ସଦାଶିବ ପ୍ରହରାଜ/ ସନ୍ତୋଷ ଶତପଥୀ)

**ଫକୀରମୋହନ ପଠନଶାଳାର ସ୍ୱନକ୍ଷତ୍ର ଦିବସ**

ଉମରକୋଟ ଫକୀରମୋହନ ପଠନଶାଳାର ୧୬ତମ ସ୍ୱନକ୍ଷେତ୍ର ଦିବସ ଧୋତ୍ରାସ୍ଥିତ ଶହୀଦ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅନୀଲ କୁମାର ମିଶ୍ର ଉଦ୍‌ଘାଟନ କରିବା ପରେ ମକର ମିଳନ ଓ ମକର ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ 'ସାହିତ୍ୟରେ ଜହ୍ନ ଓ ବିଜ୍ଞାନରେ ଜହ୍ନ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ, ସମ୍ମାନିତ ବକ୍ତା ଭାବେ ଡ. ପ୍ରଦୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ବିଜୟ ଚୌଧୁରୀ ଯୋଗଦେଇଥିଲେ। ପଠନଶାଳାର ବାର୍ଷିକ ମୁଖପତ୍ର 'ସାରସ୍ୱତ –୨୦୨୪' ଲୋକାର୍ପିତ କରାଯାଇଥିଲା। ଉକ୍ତ ଅଧିବେଶନରେ ମୌସୁମୀ ମଜୁନଦାର, ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲକୁ ପୁଷ୍ପାଞ୍ଜଳି ପରିଡା ସ୍ମୃତି ସମ୍ମାନ, କେଶରୀ ଟଲଟିଆ, ଶ୍ରୀ କଳିଙ୍ଗ ବିଦ୍ୟାପୀଠଙ୍କୁ ସୁରେନ ଚନ୍ଦ୍ର ପରିଡା ସ୍ମୃତି ସମ୍ମାନ, ଉମରକୋଟ ଶାଶ୍ୱତ ପଟ୍ଟନାୟକଙ୍କୁ ଫକୀରମୋହନ ସମ୍ମାନ, ଶିବାନୀ ପ୍ରଧାନ ଓ ପ୍ରିୟଙ୍କା ଦାସଙ୍କୁ ଭ୍ରମରବର ଛାଟୋଇ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ବରିଷ୍ଠ ଓକିଲ ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରରେ ଅବିଭକ୍ତ କୋରାପୁଟ ଜିଲାର ଶତାଧିକ କବି ଯୋଗଦେଇଥିଲେ। କବିତା ପାଠରେ ସର୍ବଶ୍ରୀ ରାମପ୍ରସାଦ ପାତ୍ର, ଅଧ୍ୟାପକ ଅଖିଳ ଭଞ୍ଜ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ପ୍ରଭାତୀ ଦେବନାଥ, ରମେଶ ଚନ୍ଦ୍ର ଟାକ୍ରି, ସୁଶୋଭିତା ମେରିଲିନ ଡୁରୁକ, ସ୍ୱାଗତିକା ସାହୁ, ବିବେକ ପଟ୍ଟନାୟକ ନଗେନ୍ଦ୍ର କୁମାର ରାଉତ, ସାଗର କୁମାର ପରିଡା, ସଂଗ୍ରାମ କିଶୋର ପରିଡା, ରାଜକିଶୋର ନାୟକ, କେଦାରେଶ୍ୱର ପଟ୍ଟନାୟକ, ବଂଶୀଧର ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରସାଦ ବଣ୍ଟନ

ଉମରକୋଟ,୧୫।୧ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଗୁଲିପାଟଣାଠାରେ ଆୟାପ୍ପା ସ୍ୱାମୀମାନଙ୍କ ଦ୍ୱାରା ମକର ସଂକ୍ରାନ୍ତି ଉପଲକ୍ଷେ ପ୍ରସାଦ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ବିଜେଡି ନେତା ଜୟଦେବ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ପ୍ରସାଦ ବଣ୍ଟନ ଆରମ୍ଭ କରିଥିଲେ। ଜୟୀ ସାମୀ, ସୁବାସ ସାହୁ, ସନ୍ତୋଷ ପଣ୍ଡାଙ୍କ ସମେତ ସତ୍ୟ ସାମଲ,ଗୋପାଳ, ଟିଟି ସ୍ୱାମୀ, ସୁରେଶ ସ୍ୱାମୀ, କୁଲୁ ସ୍ୱାମୀ, ଲିଟୁ ସ୍ୱାମୀ, ଗିରି ସ୍ୱାମୀ, ଟିଙ୍କୁ ସ୍ୱାମୀ, ଜଗା ସ୍ୱାମୀ ପ୍ରମୁଖ ସହଯୋଗ



କରିଥିଲେ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।

## ଶିଖ୍ ସମ୍ପ୍ରଦାୟ ପକ୍ଷରୁ ନଗର ସଙ୍କୀର୍ତ୍ତନ

ଜୟପୁର,୧୫।୧(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବସବାସ କରୁଥିବା ଶିଖ୍ ସମ୍ପ୍ରଦାୟ ପକ୍ଷରୁ ସୋମବାର ନଗର ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଛି । ଶିଖ୍‌ମାନଙ୍କ ୧୦ମ ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ ଉପଲକ୍ଷେ ହୋଇଥିବା ଏହି ନଗର ସଙ୍କୀର୍ତ୍ତନ ରଜାନହରଠାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଗୁରୁଦ୍ୱାରରେ ଶେଷ ହୋଇଥିଲା। ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଉପାଧ୍ୟକ୍ଷା ବି.ସୁନିତା, ହିମାଂଶୁ ମହାପାତ୍ର, ଗୌତମ ସାମନ୍ତରାୟଙ୍କ ସହ ଶିଖ ଓ ପଞ୍ଜାବୀ ସମ୍ପ୍ରଦାୟର ସଦସ୍ୟମାନେ ସାମିଲ ହୋଇଥିଲେ।


ଶିଖ୍ ସମ୍ପ୍ରଦାୟ ପକ୍ଷରୁ ବାହାରିଥିବା ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା।

## ଦାବି ପୂରଣ ପାଇଁ ସମୂହ ଦୀପଦାନ କଲେ ଅମଲା

ଜୟପୁର,୧୫।୧ (ପବନ ପାଣିଗ୍ରାହୀ)


ମନ୍ଦିରରେ ଅମଲାମାନେ ସମୂହ ଦୀପଦାନ କରୁଛନ୍ତି।

ଏକମାତ୍ର ଦାବି ପୂରଣ ନେଇ ଦୀର୍ଘ ଦିନ ହେଲା ଅମଲାମାନେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ଦାବିପତ୍ର ପ୍ରଦାନ କରିବା ସହ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। କଳାବ୍ୟାଜ ପରିଧାନ କରି ଆନ୍ଦୋଳନ, ଜିଲାପାଳ ଓ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ସମୟରେ ସରକାର ଦାବିପୂରଣ ଲାଗି ପ୍ରତିଶ୍ରୁତି ଦେଇ ମଧ୍ୟ ତାହା ପୂରଣ କରିନାହାନ୍ତି। ସମସ୍ତ ଜିଲାସ୍ତରୀୟ ଅମଲା ସମୂହ ଛୁଟିରେ ମଧ୍ୟ ରହିଥିଲେ। ଏହି ସମୟରେ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ସରକାର ରାଜ୍ୟ ସଂଘର ନେତୃବୃନ୍ଦଙ୍କୁ ବାରମ୍ବାର ଆଲୋଚନା ପାଇଁ ଡାକିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନ ଥିଲା। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫–ଟି ସଚିବ କାର୍ତ୍ତିକ ପାଣ୍ଡିଆନ ଅମଲାଙ୍କ ଦାବିରେ ଯଥାର୍ଥତା ରହିଥିବା ସ୍ୱୀକାର କରି ଶୀଘ୍ର ସେମାନଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାରରେ ପରିବର୍ତ୍ତନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସେମାନେ ଧାରଣାକୁ ସ୍ଥଗିତ ରଖିଥିଲେ। ଏପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ପୂରଣ ପ୍ରତି ଗୁରୁତ୍ୱ ଦେଇ ନ ଥିବାରୁ ସୋମବାର ଅମଲାମାନେ ଏକାଠି ହୋଇ ପାୱାର ହାଉସସ୍ଥିତ ହନୁମାନ, ଶିବ ଓ ଶନିମନ୍ଦିର ପ୍ରାଙ୍ଗଣରେ ମିଳିତ ଅମଲା ମଞ୍ଚ କୋରାପୁଟ ଜିଲା ଶାଖା ପକ୍ଷରୁ ସମୂହ ଦୀପଦାନ କରି ଦାବିପୂରଣ ନେଇ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅମଲାମାନଙ୍କ କ୍ଷେତ୍ରରେ ସରକାରଙ୍କ ବୈମାତୃକ ମନୋଭାବ ନେଇ ଉପସ୍ଥିତ ଅମଲାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀପଦାନ ପରେ ଶିବ ମନ୍ଦିର ପ୍ରକୋଷ୍ଠରେ ଏକ ବୈଠକ ହୋଇଥିଲା। ଏଥିରେ କୋରାପୁଟ ଜିଲା ଶାଖାର ମଞ୍ଚ ସଭାପତି ଶଶୀଭୂଷଣ ଦାଶ ସଭାପତିତ୍ୱ କରିଥିଲେ। ପୂର୍ବତନ ସଭାପତି ନରେନ୍ଦ୍ରନାଥ ତ୍ରିପାଠୀ, ସଂଘ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାଶ, ସମ୍ପାଦକ ସଞ୍ଜୟ ପଣ୍ଡା ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ମତବ୍ୟକ୍ତ କରିଥିଲେ। କୈଳାସ ଚନ୍ଦ୍ର ସାମନ୍ତରାୟ, ବୃନ୍ଦାବନ ପଣ୍ଡା, କାଳୀ ପ୍ରସାଦ ମିଶ୍ର, ଜଗେନ୍ଦ୍ର ଚୌଧୁରୀ, ରାଜେନ୍ଦ୍ର ନାରାୟଣ ପାଢ଼ୀ, ପ୍ରଶାନ୍ତ ଭଞ୍ଜ, ବିନାୟକ ମିଶ୍ର, ରବି କୁମାର, ଟି ଚିତ୍ତରଞ୍ଜନ, ସଞ୍ଜୀବ ପଟ୍ଟନାୟକ, ଜୟନ୍ତ ସାହୁ, ପ୍ରଦୀପ୍ତ ନାୟକ, ସଂଯୁକ୍ତା ନାୟକ, ଲଳିତା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୁଡ଼ିଆରେ ଅଗ୍ନିକାଣ୍ଡ

ଦଶମନ୍ତପୁର, ୧୫।୧ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଟିକ୍ରାମ୍ବ ପଞ୍ଚାୟତର ବନାସିଲ ଗ୍ରାମର ଉପରସାହିରେ ଥିବା ଜଣେ ବୃଦ୍ଧାଙ୍କ ଛଣଛପର କୁଡ଼ିଆ ଘରେ ସୋମବାର ନିଆଁ ଲାଗି ପୋଡିଯାଇଛି। ଫଳରେ ଘରେ ଥିବା ସମସ୍ତ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଗ୍ରାମର ସ୍ୱର୍ଗତ ଚନ୍ଦ୍ର ମୁଦୁଲିଙ୍କ ସ୍ତ୍ରୀ ରଇବାରୀ(୬୦) ଅପରାହ୍ନ ସମୟରେ ସେ ଗ୍ରାମରେ କୁଲିକାମ କରିବାକୁ ଯାଇଥିଲେ। ଘର ପଛପଟେ ଲାଗିଥିବା ନିଆଁ ଉଡି ତାଙ୍କ ଘର ଉପରେ ପଡିବାରୁ ଘର ଜଳି ଯାଇଥିଲା ବୋଲି ରଇବାରୀ କହିଛନ୍ତି। ତାଙ୍କର ୪ ପୁଅ ବିଭା ହୋଇ ଅଲଗା ରହୁଥିବା ବେଳେ ସେ ଏକାକୀ ଘରେ ରହୁଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଶାବର ଶ୍ରୀକ୍ଷେତ୍ରରେ ମକର ସଂକ୍ରାନ୍ତି

କୋରାପୁଟ,୧୫।୧
(ଅମିତାଭ ବେହେରା)


ରାଜା ରାଜେଶ୍ୱରୀ ବେଶ ହୋଇଥିବା ମହାପ୍ରଭୁ।

**ତେଲୁଗୁ ସମ୍ପ୍ରଦାୟ ପାଳୁଛନ୍ତି ପୋଙ୍ଗଲ ଉତ୍ସବ**

ଶାବର ଶ୍ରୀକ୍ଷେତ୍ରରେ ସୋମବାର ମକର ସଂକ୍ରାନ୍ତି ପାଳିତ ହୋଇଛି। ଜଗନ୍ନାଥଙ୍କ ନିକଟରେ ଶତାଧିକ ଶ୍ରଦ୍ଧାଳୁ ମକର ଚାଉଳ ଭୋଗ ଲାଗି କରିଥିଲେ। ଏହି ଉପଲକ୍ଷେ ଶାବର ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କୁ ରାଜା ରାଜେଶ୍ୱରୀ ବେଶ କରାଯାଇଥିଲା । ସକାଳୁ ସମସ୍ତ ନୀତିକାନ୍ତି କରାଯାଇ ମକର ଚାଉଳ ଭୋଗ, ପରେ ପହିଲି ଭୋଗ ହୋଇଥିଲା। ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲଙ୍କ ତତ୍ତ୍ୱାବଧାନରେ ମକର ଚାଉଳ ପୂଜା କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲ । ସେହିପରି ମକର ସଂକ୍ରାନ୍ତି ଯୋଗୁ କୋରାପୁଟ ଆଖଣ୍ଡଳମଣି ମନ୍ଦିର, ଶାବରେଶ୍ୱର ମନ୍ଦିର, ଓଏମପି ଶିବ ମନ୍ଦିର, ଭବାନୀନଗର ଶିବମନ୍ଦିର, କଳାନିକେତନ ଛକଠାରେ ଥିବା ଶିବ ମନ୍ଦିର ଓ ରାମମନ୍ଦିରରେ ପୂଜାର୍ଚ୍ଚନା ପାଇଁ ପ୍ରବଳ ଭିଡ ହୋଇଥିଲା। ସେହିପରି କୋରାପୁଟ ସହରରେ ବାସ କରୁଥିବା ତେଲୁଗୁ ସମ୍ପ୍ରଦାୟ ଲୋକେ ପୋଙ୍ଗଲ ପାଳନ କରିଥିଲେ। ପୂଜାର୍ଚ୍ଚନା କରି ବିଭିନ୍ନ ପିଠା କରି ସାହି ପଡୋଶୀ ଓ ବନ୍ଧୁବାନ୍ଧବଙ୍କୁ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ତେଲୁଗୁ ସମ୍ପ୍ରଦାୟ ଲୋକେ ମଙ୍ଗଳବାର କାଉମ ଉତ୍ସବ ପାଳନ କରିବେ ବୋଲି ଜଣାଯାଇଛି ।

**OFFICE OF THE PR. CHIEF COMMISSIONER OF INCOME TAX, ODISHA, BHUBANESWAR**

Aayakar Bhawan, Rajaswa Vihar, Bhubaneswar, PIN - 751007

**EMPANELMENT OF SPECIAL PUBLIC PROSECUTOR (SPP) FOR INCOME TAX DEPARTMENT, ODISHA REGION**

The Office of the Pr. Chief Commissioner of Income Tax, Bhubaneswar invites applications from eligible advocates for empanelment as Special Public Prosecutors (SPP) to represent the Department before the Courts of Session and its subordinate Courts in terms of CBDT Instruction No. 02/2023 Dated: 30.11.2023 issued in F. No. 279/Misc./M-77/2011-ITJ.

2. The proforma of application, eligibility criteria and other terms & conditions for empanelment as SPP may be obtained from the O/o. the Pr. Chief Commissioner of Income Tax, Aayakar Sahayata Kendra, Ground Floor, Aayakar Bhawan, Rajaswa Vihar, Bhubaneswar - 751007 from 15.01.2024 to 31.01.2024 during office hours only or may be downloaded from the official website of the Department i.e. **www.incometaxindia.gov.in**.
3. The advocates desirous of and eligible for the post may send their completed applications in the prescribed proforma only through Speed Post/Registered Post to the following address:
   **The Pr. Chief Commissioner of Income Tax, Aayakar Bhawan, Rajaswa Vihar, Bhubaneswar - 751007; or through E-mail to: bhubaneswar.pccit@incometax.gov.in**
4. Canvassing in any form shall constitute a disqualification.
5. All the existing Special Public Prosecutors empanelled in the Income Tax Department, Odisha region will have to apply afresh in respnse to this advertisement.
6. The applications received earlier to this advertisement or received after the last date are liable to be rejected.
7. Applications received through any mode other than Speed Post/Registered Post/E-mail shall also be summarily rejected.
8. Applications submitted in a format other than the prescribed proforma or having deficiencies in any respect are also be rejected.
9. The last date for receipt of application is **05.02.2024**.

Sd./- Dy. Commissioner of
Income Tax (Hqrs.) (Admn. & Vig.)
O/o. the Pr. Chief Commissioner of Income Tax,
Odisha, Bhubaneswar

